ଉପ-ନିରୀକ୍ଷକ ସାଧନ କୁମାର ଗୋସ୍ୱାମୀ ଏବଂ ଅନ୍ୟମାନେ

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଅକ୍ଟୋବର 25,1996

[କେ. ରାମାସ୍ୱାମୀ ଏବଂ ଏସ୍. ପି. କୁର୍ଦୁକର୍, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ।*

*ସ୍ୱତନ୍ତ୍ର କର୍ତ୍ତବ୍ୟ ଭତ୍ତା- ଅଧିକାର-ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରା ଅଗ୍ରାହ୍ୟ କରାଯାଇଥିଲା - ପୂର୍ବ ରାୟରେ ପକ୍ଷ ଥିଲେ ନା ନଥିଲେ, A, B, C କିମ୍ବା D ଶ୍ରେଣୀ ମଧ୍ୟରୁ C ଶ୍ରେଣୀର ଅଧିକାରୀ ଥିଲେ କି -କେହି ଏହାର ହକଦାର ନୁହଁନ୍ତି-ଏହି ରାୟ ସମସ୍ତଙ୍କ ପାଇଁ ଲାଗୁ ହୁଏ -ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 141 ।*

*ଭାରତ ସଂଘ ଏବଂ ଅନ୍ୟମାନେ ବନାମ ଏସ୍ ବିଜୟ କୁମାର ଏବଂ ଅନ୍ୟମାନେ , [1994]* ***Suppl 3 SCR 716-719, ଉପରେ ନିର୍ଭର କରାଯାଇଥିଲା ।***

*ଭାରତୀୟ ସମ୍ବିଧାନ, ଅନୁଚ୍ଛେଦ 32:*

*ଆଜ୍ଞାଦେଶ ଆବେଦନ -ଦାଖଲ -ନଥିଭୁକ୍ତ ଅଧିବକ୍ତା ଏକ ବିବୃତ୍ତି ଏବଂ ପ୍ରମାଣପତ୍ର ଦାଖଲ କରନ୍ତୁ ଯେ ପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା ଯେ ମାମଲାଟି ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଦ୍ୱାରା ଅନ୍ତର୍ଭୁକ୍ତ ଥିଲା, ତଥାପି ପକ୍ଷ ତାହା ଦାଖଲ କରିବାକୁ ଜିଦ୍ ଧରିଥିଲେ -କେବଳ ନ୍ୟାୟାଳୟ ଏହିପରି ଆଜ୍ଞାଦେଶ ଆବେଦନ ସହ କାରବାର କରିବେ ।*

ମୂଳ ଦେୱାନୀ ଅଧିକାରିତା : ଆଜ୍ଞାଦେଶ ଆବେଦନ ସଂଖ୍ୟା 794/1996।

(ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ)

ଆବେଦନକାରୀଙ୍କ ପାଇଁ *ଶଙ୍କର ଘୋଷ ଏବଂ ଅମ୍ଳାନ ଘୋଷ* ।

ନ୍ୟାୟାଳଙ୍କ ଦ୍ୱାରା ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁଚ୍ଛେଦ 32 ଅନୁଯାୟୀ ଏହି ଆଜ୍ଞାଦେଶ ଆବେଦନଟି ଏକ ମାମଲା କ୍ରମ ମଧ୍ୟରୁ ଗୋଟିଏ ମାମଲା ଯାହା ଭାରତୀୟ ସମ୍ବିଧାନର ଅନୁଚ୍ଛେଦ 136 ଅନୁଯାୟୀ ପ୍ରଦାନ କରାଯାଇଥିବା ଏହି ନ୍ୟାୟାଳୟଙ୍କର ରାୟ/ଆଦେଶକୁ ଚୂଡ଼ାନ୍ତ ହେବା ପରେ ପୁନର୍ବିଚାର ପାଇଁ ନିବେଦନ କରାଯାଇଛି ।

ସ୍ୱୀକୃତ ତଥ୍ୟ ହେଉଛି ଯେ ଭାରତର ଉତ୍ତର-ପୂର୍ବ ଅଞ୍ଚଳରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟୁରୋର (ଏସ୍. ଏସ୍. ବି.) ଅଧୀନରେ ଚାକିରିରେ ଯୋଗ ଦେଇଥିବା ଆବେଦନକାରୀମାନେ କେନ୍ଦ୍ର ସରକାରଙ୍କ ଆଦେଶ ଅନୁଯାୟୀ ସ୍ୱତନ୍ତ୍ର କର୍ତ୍ତବ୍ୟ ଭତ୍ତା ଦାବି କରିଥିଲେ । ସେପ୍ଟେମ୍ବର, 20,1994 ରେ ନିର୍ଣ୍ଣିତ ହୋଇଥିବା ଦେୱାନୀ ଆବେଦନ ସଂଖ୍ୟା 3251/93 ରେ *ଭାରତ ସଂଘ ବନାମ ଏସ୍ ବିଜୟ କୁମାର* ମାମଲାରେ ଏହି ପ୍ରଶ୍ନକୁ ଏହି ନ୍ୟାୟାଳୟ ଦ୍ୱାରା ବିଚାର କରାଯାଇଥିଲା । ଯେଉଁଥିରେ ଏହି ଅଦାଲତ ନିର୍ଣ୍ଣୟ କରିଥିଲେ ଯାହା ନିମ୍ନରେ ଉଲ୍ଲେଖ କରାଗଲା:

" ଆମେ ପ୍ରତିଦ୍ୱନ୍ଦ୍ୱୀଙ୍କ ନିବେଦନ ଉପରେ ବିଚାର କରିଛୁ ଏବଂ ଦୁଇଟି କାରଣ ପାଇଁ ବିଦ୍ୱାନ ଅତିରିକ୍ତ ମହାଭିବକ୍ତା ଶ୍ରୀ ତୁଳସୀଙ୍କ ଦ୍ୱାରା ଆଗତ ଯୁକ୍ତି ସହିତ ସହମତ ହେବାକୁ ଆଗ୍ରହୀ। ପ୍ରଥମଟି ହେଉଛି, ଉପରୋକ୍ତ ଦୁଇଟି ସ୍ମାରକପତ୍ରର ସୂକ୍ଷ୍ମ ଅନୁଧ୍ୟାନ ସହିତ 29.10.1986 ତାରିଖର ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଥିବା ବିଷୟ, ଯାହା 20.4.1987 ସ୍ମାରକୀ ପତ୍ରରେ ଉଦ୍ଧୃତ କରାଯାଇଛି, ତାହା ସ୍ପଷ୍ଟ ଭାବେ ଦର୍ଶାଉଛି ଯେ ଉକ୍ତ ଭତ୍ତା ଉତ୍ତର-ପୂର୍ବାଞ୍ଚଳ ବାହାରେ ଥିବା ଲୋକମାନଙ୍କୁ ଦୁର୍ଗମ ଏବଂ କଷ୍ଟସାଧ୍ୟ ଅଞ୍ଚଳ କାରଣରୁ ସେହି ଅଞ୍ଚଳରେ କାମ କରିବା ପାଇଁ ଆକୃଷ୍ଟ କରିବା ଉଦ୍ଦେଶ୍ୟରେ ଉଦ୍ଦିଷ୍ଟ ଥିଲା । ଆମେ ଏପରି କହିଛୁ କାରଣ 1983ର ସ୍ମାରକପତ୍ର ମଧ୍ୟ ଏହା ପ୍ରକାଶ କରି ଆରମ୍ଭ ହୋଇଛି ଯେ ଉତ୍ତର-ପୂର୍ବାଞ୍ଚଳରେ ସେବା ପାଇଁ ସକ୍ଷମ ଅଧିକାରୀମାନଙ୍କୁ "ଆକୃଷ୍ଟ କରିବା ଏବଂ ବଜାୟ ରଖିବା" ପାଇଁ ଭତ୍ତାର ଆବଶ୍ୟକତା ଅନୁଭୂତ ହୋଇଥିଲା । ବଜାୟ ରଖିବା ବିଷୟରେ ଉଲ୍ଲେଖ କରାଯାଇଛି କାରଣ ଏହା ଦେଖିବାକୁ ମିଳିଛି ଯେ କର୍ମାନ୍ତର ପ୍ରେରଣ ପରେ ସେହି ଅଞ୍ଚଳକୁ ଯାଉଥିବା ଅଧିକାରୀମାନେ ଯୋଗଦେବା ପରେ ଫେରଆସି ଛୁଟି ନେଉଥିଲେ ଏବଂ ତେଣୁ; ସ୍ମାରକପତ୍ରରେ କୁହାଯାଇଛି ଯେ ନିଯୁକ୍ତିର ଅବଧି ଗଣନା କରିବା ସମୟରେ ଏହି ଛୁଟି ଅବଧିକୁ ବାଦ ଦିଆଯିବ, ଯାହା ପଦବୀଧାରୀଙ୍କ ସେବା ଅବଧି ଉପରେ ନିର୍ଭର କରି ଭତ୍ତା ଦାବି କରିବା ପାଇଁ 2/3 ବର୍ଷ ହେବା ଆବଶ୍ୟକ । 1986ରେ ସ୍ମାରକପତ୍ରରେ ଏହି ସ୍ଥିତିକୁ ସ୍ପଷ୍ଟ କରି କୁହାଯାଇଛି ଯେ କେନ୍ଦ୍ର ସରକାରଙ୍କ ବେସାମରିକ କର୍ମଚାରୀ, ଯେଉଁମାନଙ୍କ ଉପରେ ସର୍ବ ଭାରତୀୟ ସ୍ଥାନାନ୍ତର ଅଧୀନରେ ଆସନ୍ତି, ସେମାନଙ୍କୁ

"ଉତ୍ତର-ପୂର୍ବାଞ୍ଚଳର ଯେକୌଣସି ଷ୍ଟେସନରେ ନିଯୁକ୍ତି ପାଇଁ " ଭତ୍ତା ପ୍ରଦାନ କରାଯିବ । 1987 ର ସ୍ମାରକପତ୍ର ଦ୍ୱାରା ଏହି ଦିଗକୁ ସନ୍ଦେହ ଉର୍ଦ୍ଧରେ ସ୍ପଷ୍ଟ କରାଯାଇଛି ଯେଉଁଥିରେ କୁହାଯାଇଛି ଯେ କେବଳ ସର୍ବ ଭାରତୀୟ ସ୍ଥାନାନ୍ତର ଦାୟିତ୍ୱ ସମ୍ବନ୍ଧୀୟ ନିଯୁକ୍ତି ଆଦେଶରେ ଥିବା ଖଣ୍ଡ ହେତୁ ଭତ୍ତା ଦେୟ ହେବ ନାହିଁ । କେବଳ ଏଥିପାଇଁ ଯେ 1983 ମସିହାର କାର୍ଯ୍ୟାଳୟ ସ୍ମାରକୀ ପତ୍ରରେ, ଉପରୋକ୍ତ ବିଷୟ ଉଲ୍ଲେଖ କରାଯାଇଥିବା ପ୍ରସଙ୍ଗଟି, ଡ. ଘୋଷଙ୍କ ଉପସ୍ଥାପନାକୁ ସ୍ୱୀକାର କରିବା ପାଇଁ ଯଥେଷ୍ଟ ନୁହେଁ ।

ଡାକ୍ତର ଘୋଷଙ୍କ ଏହି ନିବେଦନ ଯେ ବ୍ୟକ୍ତିମାନଙ୍କୁ ଭତ୍ତା ପ୍ରଦାନ ନ କରିବା ବିଷୟଟି, *ଭାରତୀୟ ରିଜର୍ଭ ବ୍ୟାଙ୍କ ବନାମ ଭାରତୀୟ ରିଜର୍ଭ ବ୍ୟାଙ୍କ କର୍ମଚାରୀ ଅଧିକାରୀ ସଂଘ ଏବଂ ଅନ୍ୟମାନେ,* [1991] 4 SCC 132 ମାମଲାରେ ନିର୍ଣ୍ଣୟ କରାଯାଇଥିବା ସମାନ ଦରମା ନୀତିର ଉଲ୍ଲଂଘନ କରିବ ; ଯାହା ପ୍ରତି ବିଦ୍ୱାନ ଅତିରିକ୍ତ ମହାଭିବକ୍ତା ଦୃଷ୍ଟି ଆକର୍ଷଣ କରିଛନ୍ତି, ଯେଉଁଥିରେ କେବଳ ଭାରତୀୟ ରିଜର୍ଭ ବ୍ୟାଙ୍କର ଗୌହାଟୀ ୟୁନିଟକୁ ବାହାରୁ ସ୍ଥାନାନ୍ତରିତ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର କ୍ଷତିପୂରଣ ଭତ୍ତା କିମ୍ବା ଦୁର୍ଗମ ସ୍ଥାନ ଭତ୍ତା ପ୍ରଦାନ କରାଯାଉଥିଲା, ଯେତେବେଳେ କି ଗୌହାଟୀ ୟୁନିଟରେ ନିଯୁକ୍ତ ସ୍ଥାନୀୟ ଅଧିକାରୀମାନଙ୍କୁ ଏହା ପ୍ରଦାନ ନକରାଯିବାକୁ ସମ୍ବିଧାନର ଅନୁଚ୍ଛେଦ 14 ର ଉଲ୍ଲଂଘନ ଭାବରେ ବିବେଚନା କରାଯାଇ ନଥିଲା ।"

ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ଏହି ନ୍ୟାୟାଳୟ ରାଜ୍ୟର ଅପିଲକୁ ମଞ୍ଜୁର ପ୍ରଦାନ କରିଥିଲେ ଏବଂ ରାୟ ଦେଇଥିଲେ ଯେ ଉତ୍ତରଦାତାମାନେ ଭତ୍ତା ପାଇବାକୁ ହକଦାର ନୁହଁନ୍ତି, କିନ୍ତୁ ରାୟ ତାରିଖ ପର୍ଯ୍ୟନ୍ତ ଯେଉଁ ପରିମାଣ ପ୍ରଦାନ କରାଯାଇଥିଲା, ତାହା ସେମାନଙ୍କଠାରୁ ଆଦାୟ ନକରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଆବେଦନକାରୀମାନେ ଜୁଲାଇ 11,1996 ତାରିଖର କାର୍ଯ୍ୟାଳୟ ସ୍ମାରକପତ୍ର ଉପରେ ନିର୍ଭର କରିଛନ୍ତି ଯେଉଁଥିରେ କୁହାଯାଇଛି ଯେ "ଏହା ଅଞ୍ଚଳ ମଧ୍ୟରେ ଗୋଟିଏ ଷ୍ଟେସନରୁ ଅନ୍ୟ ଷ୍ଟେସନକୁ ସ୍ଥାନାନ୍ତର କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ କିନ୍ତୁ A ଶ୍ରେଣୀ ଏବଂ B ଶ୍ରେଣୀ କର୍ମଚାରୀମାନେ ଏହି ସୁବିଧା ପାଇବା ଜାରି ରଖିବେ। "ସେମାନେ ଏହି ଆଜ୍ଞାଦେଶ ଆବେଦନ କରି ଯୁକ୍ତି ଉପସ୍ଥାପନ କରିଛନ୍ତି ଯେ C ଶ୍ରେଣୀ ଏବଂ D ଶ୍ରେଣୀ କର୍ମଚାରୀଙ୍କୁ ଉପରୋକ୍ତ ରାୟର ଲାଭରୁ ବଞ୍ଚିତ କରାଯାଇଥିବାବେଳେ A ଶ୍ରେଣୀ ଏବଂ B ଶ୍ରେଣୀକୁ ସ୍ୱତନ୍ତ୍ର କର୍ତ୍ତବ୍ୟ ଭତ୍ତା ଲାଭ ପ୍ରଦାନ କରାଯାଉଛି; ଏହା ଅନୁଚ୍ଛେଦ 14 ର ଉଲ୍ଲଙ୍ଘନ ସହିତ ସମାନ ଏବଂ ତେଣୁ, ଆଜ୍ଞାଦେଶ ଆବେଦନକୁ ଅନୁମତି ଦିଆଯିବା ଉଚିତ ଯାହା ସେମାନଙ୍କୁ ସମାନ ଲାଭ ପ୍ରଦାନ କରିବ । ସ୍ୱୀକାରଯୋଗ୍ୟ, ଆବେଦନକାରୀମାନେ C ଶ୍ରେଣୀ ଏବଂ D

ଶ୍ରେଣୀ କର୍ମଚାରୀ ଏବଂ ଏହି ନ୍ୟାୟାଳୟ ଦ୍ୱାରା କରାଯାଇଥିବା ଆଇନର ଉପରୋକ୍ତ ଘୋଷଣା ଦ୍ୱାରା ଆବଦ୍ଧ । କେବଳ ସେମାନେ ଏହି ରାୟର ପକ୍ଷ ନ ଥିବାରୁ, ସେମାନେ ଅନୁଚ୍ଛେଦ 32 ଅନୁଯାୟୀ ଆଜ୍ଞାଦେଶ ଆବେଦନ ଦାଖଲ କରିପାରିବେ ନାହିଁ । ସେମାନେ 1996 ମସିହା ଜୁଲାଇ 11 ତାରିଖର ସ୍ମାରକପତ୍ର ଆଧାରରେ A ଶ୍ରେଣୀ ଏବଂ B ଶ୍ରେଣୀ ଅଧିକାରୀଙ୍କ ସହିତ ସମାନ ଭାବରେ ଲାଭ ପାଇବାକୁ ହକଦାର ହେବା ଯୁକ୍ତିଟି ଠିକ୍ ନୁହେଁ । ଉପରୋକ୍ତ ରାୟରେ ଏହି ନ୍ୟାୟାଳୟ ଦ୍ୱାରା ଘୋଷିତ ଆଇନର ବିପରୀତରେ A ଶ୍ରେଣୀ ଏବଂ B ଶ୍ରେଣୀ କର୍ମଚାରୀମାନେ ସ୍ୱତନ୍ତ୍ର କର୍ତ୍ତବ୍ୟ ଭତ୍ତା ପାଇବାକୁ ହକଦାର ହେଲେ ମଧ୍ୟ ସେମାନେ ମଧ୍ୟ ଏହା ଦ୍ୱାରା ଆବଦ୍ଧ; ଏହି ନ୍ୟାୟାଳୟର ରାୟ କାରଣରୁ ସେମାନେ ଉପରୋକ୍ତ ଲାଭ ପାଇବାକୁ ହକଦାର ହୁଅନ୍ତୁ କିମ୍ବା ନ ହୁଅନ୍ତୁ, ଆବେଦନକାରୀମାନେ ସେମାନଙ୍କ ଦ୍ୱାରା ଆବେଦନ କରାଯାଇଥିବା ଭତ୍ତାର ଲାଭ ପାଇବାକୁ ହକଦାର ନୁହଁନ୍ତି । ଏହି ନ୍ୟାୟାଳୟର ରାୟ ସୂଚିତ କରିବ ଯେ ଏହା C ଶ୍ରେଣୀ ଏବଂ D ଶ୍ରେଣୀ କର୍ମଚାରୀ ଏବଂ A ଶ୍ରେଣୀ ଏବଂ B ଶ୍ରେଣୀ ଅଧିକାରୀଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ କରିନଥିଲା । ସମସ୍ତେ ଅନୁଚ୍ଛେଦ 141 ଅନୁଯାୟୀ ଆଇନ ଦ୍ୱାରା ପରିଚାଳିତ । ବିଜୟ କୁମାରଙ୍କ (ଉପରୋକ୍ତ) ମାମଲାରେ ଦିଆଯାଇଥିବା ରାୟରେ ସେମାନେ ପକ୍ଷ ଥିଲେ କି ନାହିଁ ତାହା ନିର୍ବିଶେଷରେ ଆବେଦନକାରୀମାନେ ସ୍ୱତନ୍ତ୍ର କର୍ତ୍ତବ୍ୟ ଭତ୍ତା ପାଇବାକୁ ହକଦାର ନୁହଁନ୍ତି; ଅନୁଚ୍ଛେଦ 32 ଅନୁଯାୟୀ ଆଜ୍ଞାଦେଶ ଆବେଦନ ଦାଖଲ କରି ରାୟର ସଠିକତାକୁ ପରୀକ୍ଷା କରିବାପାଇଁ ସେମାନଙ୍କୁ ନୂତନ ଆଧାର ଉଠାଇବାକୁ ଅନୁମତି ଦିଆଯାଇପାରିବ ନାହିଁ, ଯଦିଓ ପୂର୍ବ ମାମଲାରେ ଉଠାଯାଇ ନଥିଲା କିମ୍ବା ଯୁକ୍ତି କରାଯାଇ ନଥିଲା ।

ନିକଟ ଅତୀତରେ, ଆମେ ଅନେକ ପକ୍ଷଙ୍କ ଦ୍ୱାରା ଦାଖଲ କରାଯାଇଥିବା ଏହି ପ୍ରକାରରଆଜ୍ଞାଦେଶ ଆବେଦନର ସମ୍ମୁଖୀନ ହେଉଛୁ । ଆମେ ଏହି ମତ ଗ୍ରହଣ କରିବାକୁ ବାଧ୍ୟ ଯେ ଅନୁଚ୍ଛେଦ 32 ଅନୁଯାୟୀ ଏହି ନ୍ୟାୟାଳୟଙ୍କର ଦ୍ୱାରସ୍ଥ ହେବାକୁ ପରାମର୍ଶ ଦେଉଥିବା ବିଜ୍ଞ ଓକିଲ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରିବା ଉଚିତ ଯେ ଯଦିଓ ସେମାନେ ଆବେଦନକାରୀଙ୍କୁ ପରାମର୍ଶ ଦେଇଛନ୍ତି ଯେ ଏହି ନ୍ୟାୟାଳୟଙ୍କର ରାୟ ସେମାନଙ୍କୁ ଆଇନତଃ ଆବଦ୍ଧ କରେ ଏବଂ ଏହାର ସଠିକତାକୁ ପ୍ରଶ୍ନ କରିପାରିବ ନାହିଁ ଏବଂ ତଥାପି, ଏହିପରି ପରାମର୍ଶ ସତ୍ତ୍ୱେ, ପକ୍ଷ ଆଜ୍ଞାଦେଶ ଆବେଦନ କରିବାକୁ ଜିଦ୍ ଧରିଥିଲେ । ଏହା ପରେ ଏହି ନ୍ୟାୟାଳୟ ଏହି ମାମଲାର ଉପଯୁକ୍ତ ବିଚାର ଏବଂ ପରିଚାଳନା କରିବେ । ଏହାପରେ, ଏହା ଆବଶ୍ୟକ ହେବ ଯେ ଅନୁଚ୍ଛେଦ 32 ଅନୁଯାୟୀ ଦାଖଲ ହୋଇଥିବା ଆଜ୍ଞାଦେଶ ଆବେଦନର କାଗଜ ପତ୍ର ପୁସ୍ତକର ଅଂଶ ଭାବରେ ନଥିଭୁକ୍ତ ଅଧିବକ୍ତା ଏକ ବିବୃତି ଏବଂ ପ୍ରମାଣପତ୍ର ଦାଖଲ କରିବା ଉଚିତ ଯାହା ଦର୍ଶାଇବ ଯେ

ସମ୍ପୃକ୍ତ ପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା ଯେ ଏହି ମାମଲା ଏହିନ୍ୟାୟାଳୟର ରାୟ ଦ୍ୱାରା ଅନ୍ତର୍ଭୁକ୍ତ ଏବଂ ତଥାପି ଆଜ୍ଞାଦେଶ ଆବେଦନକାରୀ ଏହାକୁ ଦାଖଲ କରିବାକୁ ଜିଦ୍ ଧରିଥିଲେ । ଯଦି ଏପରି ପ୍ରମାଣିକରଣ ଆବେଦନର ନଥିର ଅଂଶବିଶେଷ ହୋଇଥାଏ, ତେବେ କେବଳ ନ୍ୟାୟାଳୟ ଆଜ୍ଞାଦେଶ ଆବେଦନ ନିର୍ଣ୍ଣିତ କରିବେ । ଏହି ନ୍ୟାୟାଳୟ ଦ୍ୱାରା ପୂର୍ବରୁ ଘୋଷିତ ଆଇନ ଅନୁଯାୟୀ ଶ୍ରେଣୀ C ଏବଂ ଶ୍ରେଣୀ D କର୍ମଚାରୀମାନେ ସ୍ୱତନ୍ତ୍ର କର୍ତ୍ତବ୍ୟ ଭତ୍ତା ପାଇବାକୁ ହକଦାର ନୁହଁନ୍ତି, ଏହି ତଥ୍ୟକୁ ଦୃଷ୍ଟିରେ ରଖି ଆବେଦନକାରୀମାନେ ଏହି ସୁବିଧା ପାଇବାକୁ ହକଦାର ନୁହଁନ୍ତି ।

ଏହାପରେ ଯୁକ୍ତି କରାଯାଇଛି ଯେ ସରକାର ଜାନୁଆରୀ 12,1996 ତାରିଖର ସ୍ମାରକପତ୍ର ଅନୁଯାୟୀ ପଇଠ ରାଶି ଅଦାୟ କରୁଛନ୍ତି, ଯାହା ଉପରୋକ୍ତ ରାୟରେ ଏହି ନ୍ୟାୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶର ବିପରୀତ ଅଟେ । ଆବେଦନକାରୀମାନେ ସେମାନଙ୍କ ଯୁକ୍ତିରେ ଠିକ୍ ନୁହନ୍ତି । ଏହା ଦେଖାଯାଏ ଯେ ସରକାର ଏହି ନ୍ୟାୟାଳୟର ରାୟ ପ୍ରଦାନ ପରେ ପୂର୍ବରୁ କରାଯାଇଥିବା ଦେୟକୁ ସୀମିତ କରିଛନ୍ତି; ସେହି ତାରିଖ ପୂର୍ବରୁ କରାଯାଇଥିବା ଦେୟ ପୁନରୁଦ୍ଧାର କରାଯାଉ ନାହିଁ ।

ସେହି ପରିସ୍ଥିତିରେ, ଆମେ ଭାବୁନାହୁଁ ଯେ ଏହି ନ୍ୟାୟାଳୟଙ୍କର ରାୟ ପ୍ରଦାନ ପରେ ଆବେଦନକାରୀଙ୍କ ଠାରୁ ରାଶି ଆଦାୟ ନକରିବାକୁ ଉତ୍ତରଦାତାମାନଙ୍କୁ ନିର୍ଦ୍ଦେଶ ଦେବା ପାଇଁ କୌଣସି ଯଥାର୍ଥତା ରହିବ ।

ତଦନୁସାରେ ଆଜ୍ଞାଦେଶ ଆବେଦନ ଖାରଜ ହୋଇଅଛି ।

G.N ଆବେଦନ ଖାରଜ ହୋଇଛି ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।